# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**12 October - 2024**

**News Editor : Tapan Kumar Maharana**

******************************

## ମୁଖ୍ୟ ସମ୍ବାଦ

- ରାଜ୍ୟର ବିଭିନ୍ନ ଶକ୍ତିପୀଠରେ ଜଗଜ୍ଜନନୀ ମା' ଦୁର୍ଗାଙ୍କର ଦଶମୀପୂଜା ଓ ମଣ୍ଡପ ଗୁଡ଼ିକରେ ନବମୀ ପୂଜା ଅନୁଷ୍ଠିତ

- ବିଜୟାଦଶମୀ ଅବସରରେ ଦେଶବାସୀଙ୍କୁ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ଜଣାଇଲେ ଶୁଭେଚ୍ଛା

- ପ୍ରଧାନମନ୍ତ୍ରୀ ଇର୍ଣ୍ଟର୍ନସିପ୍ ଯୋଜନାରେ ଆଜିଠାରୁ ଆରମ୍ଭ ହେବ ଆବେଦନ ପ୍ରକ୍ରିୟା

- 'ସୂଚିତ ବିକଳ୍ପ ଓ ଉନ୍ନତ ଫଳାଫଳ'ର ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ବିଶ୍ୱ ଗଣ୍ଠିବାତ ଦିବସ

ଏବଂ

- ଆଗାମୀ ଦୁଇ ଦିନ ମଧ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ରାଜ୍ୟରୁ ପ୍ରତ୍ୟାବର୍ତ୍ତନ ସମ୍ଭାବନା ନେଇ ପାଣିପାଗ ବିଭାଗର ପୂର୍ବାନୁମାନ

*Desk*

# ବିଜୟାଦଶମୀ

ଆଦ୍ୟାଶକ୍ତି, ଜଗଦ୍ଧାତ୍ରୀ, ଜଗତ୍‌ଜନନୀ ମା' ଦୁର୍ଗାଙ୍କର ଆଜି ଶକ୍ତିପୀଠଗୁଡ଼ିକରେ ଦଶମୀ ପୂଜା ଚାଲିଛି। ପୁରପଲ୍ଲୀଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ମୃଣ୍ମୟୀ ମଣ୍ଡପଗୁଡ଼ିକରେ ମହାନବମୀ ପୂଜା ଏବଂ ହୋମ ଯଜ୍ଞ ପ୍ରାତଃରୁ ଆରମ୍ଭ ହୋଇଛି। ପୁରୀ ଶ୍ରୀକ୍ଷେତ୍ରରେ ମା' ବିମଳାଙ୍କର ଆଜି ବିଶ୍ରାମ ପୂଜା ହେଉଛି। ଶ୍ରୀମନ୍ଦିରରେ  ଶ୍ରୀଜୀଉମାନଙ୍କ ସୁନାବେଶ ଅନୁଷ୍ଠିତ ହୋଇଛି। ସ୍ୱର୍ଣ୍ଣଅଳଙ୍କାର ବିଭୂଷିତ ହୋଇ ଶ୍ରୀଜୀଉମାନେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି।

ବିଜୟାଦଶମୀ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହି ପର୍ବ ଅନ୍ୟାୟ ଉପରେ ନ୍ୟାୟର ବିଜୟ। ଏହା ସତ୍ୟ ଏବଂ ନୈତିକ ମୂଲ୍ୟବୋଧର ପ୍ରତୀକ ବହନ କରୁଛି ବୋଲି ରାଷ୍ଟ୍ରପତି କହିଛନ୍ତି।

ସେହିପରି ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ବିଜୟାଦଶମୀର ଶୁଭେଚ୍ଛା ଜଣାଇଛନ୍ତି। ମା' ଦୁର୍ଗା ଓ ପ୍ରଭୁ ଶ୍ରୀରାମଙ୍କ ଆର୍ଶୀବାଦରୁ ସମସ୍ତେ ଜୀବନର ପ୍ରତିଟି କ୍ଷେତ୍ରରେ ବିଜୟ ଲାଭ କରନ୍ତୁ ବୋଲି ପ୍ରଧାନମନ୍ତ୍ରୀ କାମନା କରିଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି କଟକ ସହରର ବିଭିନ୍ନ ପୂଜାମଣ୍ଡପ ବୁଲିଛନ୍ତି । ଏଥିସହ ଜଗଜ୍ଜନନୀ ମା’ ଦୁର୍ଗାଙ୍କୁ ପୂଜାର୍ଚ୍ଚନା କରି ରାଜ୍ୟବାସୀଙ୍କର କଲ୍ୟାଣ ପାଇଁ ଆଶୀର୍ବାଦ କାମନା କରିଛନ୍ତି ।

***HS/Kandhamal/BHK/Cuttack/Desk***

## ନବମୀ ପୂଜା

ଜଗତ୍‌ଜନନୀ ମା’ ଦୁର୍ଗାଙ୍କର ଆଗମନରେ ପୁରପଲ୍ଲୀ ଆଜି ଉତ୍ସବ ମୁଖରିତ ହୋଇଉଠିଛି । ଦୁର୍ଗତୀନାଶିନୀଙ୍କ ଆବାହନରେ ରାଜ୍ୟର ବିଭିନ୍ନ ପୂଜାମଣ୍ଡପରେ ନବମୀ ପୂଜା ରୀତିନୀତି ସହ ଚାଲିଛି । ଘଣ୍ଟଘଣ୍ଟା ଓ ଶଙ୍ଖ ଧ୍ୱନିରେ  ପୂଜା ମଣ୍ଡପଗୁଡ଼ିକ ପ୍ରକମ୍ପିତ ହେଉଛି ।  ଶକ୍ତିପୀଠଗୁଡ଼ିକରେ ଦଶମୀ ପୂଜା ଜାକଜମକରେ ଅନୁଷ୍ଠିତ ହେଉଛି ।

କଟକରେ ଶାରଦୀୟ ଦୁର୍ଗାପୂଜାର ପରମ୍ପରା ନିଆରା ଜଗଜ୍ଜନନୀ ମା’ ଦୁର୍ଗାଙ୍କ ଧରାବତରଣ ପରେ କଟକ ସହର ଓ ଉପକଣ୍ଠ ଅଞ୍ଚଳ ଉତ୍ସବମୁଖର ହୋଇଉଠିଛି । ଶାରଦୀୟପୂଜା ଉତ୍ସବ ପାଇଁ ସହରଠାରୁ ଗ୍ରାମ ପର୍ଯ୍ୟନ୍ତ ସବୁ ସ୍ଥାନରେ ଉତ୍ସାହ ଉଦ୍ଦୀପନା ଦେଖାଦେଇଛି । କଟକ ସହର ପାର୍ବଣ ଅବସରରେ ଆଲୋକମାଳରେ ସଜେଇ ହୋଇଛି । ତୋରଣ ସାଙ୍ଗକୁ ମଣ୍ଡପର ସାଜସଜ୍ଜା ଓ ମନ୍ତ୍ରଧ୍ୱନିରେ ପୁରା ସହର ପ୍ରକମ୍ପିତ ହୋଇଉଠିଛି ।

**- V/O -**

ଶ୍ରୀକ୍ଷେତ୍ର ପୁରୀରେ ଶକ୍ତି ଓ ଶାକ୍ତଙ୍କ ପୂଜା ଦେଖିବାକୁ ମିଳେ। ଆଜି ବିଭିନ୍ନ ମଣ୍ଡପରେ ମା'ଙ୍କ ମହାନବମୀ ପୂଜା ଅନୁଷ୍ଠିତ ହେଉଛି। ମୋଟ ୨୧ଟି ସ୍ଥାନରେ ଦେବୀଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ପାଉଛନ୍ତି।

କନ୍ଧମାଳ ଜିଲ୍ଲାରେ ନବମୀ ତିଥିରେ ଶକ୍ତିପୀଠରେ ମା'ଙ୍କର ସ୍ୱତନ୍ତ୍ର ପୂଜାପାଠ କରାଯାଉଛି। ଦଶମୀ ତିଥିରେ ସ୍ୱତନ୍ତ୍ର ଲାଖ, ବିନ୍ଧ ପର୍ବ ଅନୁଷ୍ଠିତ ହୋଇଥାଏ। ରାଜାରାଜୁଡ଼ା ସମୟରେ ବ୍ୟବହୃତ ହେଉଥିବା ସମସ୍ତ ଖଣ୍ଡା, ଅସ୍ତ୍ରଶସ୍ତ୍ର ପୂଜା ହୋଇଥାଏ।

ଭଦ୍ରକ ଜିଲ୍ଲା ଆରଡ଼ିର ପ୍ରସିଦ୍ଧ ବାବା ଆଖଣ୍ଡଳମଣିଙ୍କ ପୀଠରେ ଥିବା ମା' ଜୟଦୁର୍ଗା ଆଜି ଦଶଭୂଜା ବେଶରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି। ଜିଲ୍ଲାର ୪ଟି ପୌରାଞ୍ଚଳ ଏବଂ ୭ଟି ବ୍ଲକରେ ୧୦୦ରୁ ଅଧିକ ପୂଜା ମଣ୍ଡପରେ ଦେବୀଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ପାଉଛନ୍ତି।

***Sonepur***

## ମହାବଳୀ ଯାତ୍ରା

ଯନ୍ତ୍ର, ମନ୍ତ୍ର, ତନ୍ତ୍ର ଉପରେ ପର୍ଯ୍ୟବେସିତ ସୁବର୍ଣ୍ଣପୁରର ପ୍ରସିଦ୍ଧ ମହାବଳୀ ଯାତ୍ରା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଖଣ୍ଡେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ କଳାଧଳା ଛତ୍ରଧାରୀ ଚେପେଟା ଢୋଲ ଉପରେ ନୃତ୍ୟରତା ମହାବଳୀଙ୍କୁ ହଜାର ହଜାର ଶ୍ରଦ୍ଧାଳୁ ଦର୍ଶନ କରିଛନ୍ତି। ଭୁବନେଶ୍ୱରୀ ଯନ୍ତ୍ର ଉପରେ ଶବରୁ ଶିବା ହୋଇ ଆବିର୍ଭୂତା ବରୁଆ ରୂପୀ

ମହାବଳୀ ମାଲେଶ୍ରୀ ଗୀତର ବୋଲ ଏବଂ ଷୋହଳ ଭରଣୀ ବାଦ୍ୟର ତାଳରେ ନାଚି ନାଚି ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଛନ୍ତି।

***Desk***

# ପିଏମ୍ ଇଣ୍ଟର୍ନସିପ୍ ଯୋଜନା

ପ୍ରଧାନମନ୍ତ୍ରୀ ଇଣ୍ଟର୍ନସିପ୍ ଯୋଜନାରେ ଆଜିଠାରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହେବ। ଇଚ୍ଛୁକ ପ୍ରାର୍ଥୀମାନେ ଆଜିଠାରୁ ଚଳିତ ମାସ ୨୫ ତାରିଖ ପର୍ଯ୍ୟନ୍ତ www.pminternship.mca.gov.in ପୋର୍ଟାଲ ମାଧ୍ୟମରେ ଆବେଦନ କରିପାରିବେ। ଏହି ଇଣ୍ଟର୍ନସିପ୍‌ର କାର୍ଯ୍ୟକ୍ରମର ସମୟସୀମା ୧୨ ମାସ ଧାର୍ଯ୍ୟ କରାଯାଇଛି। ୨୧ରୁ ୨୪ ବର୍ଷ ବୟସ ବର୍ଗର ୧ କୋଟି ପ୍ରାର୍ଥୀଙ୍କୁ ପାଞ୍ଚ ବର୍ଷ ମଧ୍ୟରେ ଇଣ୍ଟର୍ନସିପ୍ ଯୋଗାଇ ଦେବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ଏହି ଯୋଜନା ଅଧୀନରେ ପ୍ରାର୍ଥୀଙ୍କୁ ମାସିକ ୫ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯିବ। ସେଥିମଧ୍ୟରୁ ସାଢ଼େ ୪ ହଜାର ଟଙ୍କା ସରକାର ଏବଂ ୫୦୦ ଟଙ୍କା କମ୍ପାନୀ ଏହାର ସି.ଏସ୍.ଆର୍. ପାଣ୍ଠିରୁ ବହନ କରିବେ। ଏତଦ୍‌ବ୍ୟତୀତ ଇଣ୍ଟର୍ନସିପ୍ ସ୍ଥାନରେ ଯୋଗଦେବା ପରେ ପ୍ରତ୍ୟେକ ପ୍ରାର୍ଥୀଙ୍କୁ କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଆନୁଷଙ୍ଗିକ କାର୍ଯ୍ୟ ପାଇଁ ଏକକାଳୀନ ୬ ହଜାର ଟଙ୍କା ପ୍ରଦାନର ବ୍ୟବସ୍ଥା କରାଯାଇଛି। ୫ ବର୍ଷ ମଧ୍ୟରେ ଶ୍ରେଷ୍ଠ ୫୦୦ କମ୍ପାନୀ ୧ କୋଟି ଯୁବବର୍ଗଙ୍କୁ ଏହି ଯୋଜନାରେ ସାମିଲ କରିବାର ଲକ୍ଷ୍ୟ ରଖାଯାଇଛି।

*Desk*

## ବିଶ୍ୱ ଗଣ୍ଠିବାତ ଦିବସ

ଆଜି ୱାର୍ଲଡ ଆର୍ଥରାଇଟ୍‌ସ ଡେ ତଥା ବିଶ୍ୱ ଗଣ୍ଠିବାତ ଦିବସ। ପ୍ରତି ବର୍ଷ ଅକ୍ଟୋବର ୧୨ ତାରିଖରେ ଏହି ଦିବସ ପାଳନ କରାଯାଏ। ଚଳିତ ବର୍ଷର ବାର୍ତ୍ତା ରହିଛି 'ସୂଚିତ ବିକଳ୍ପ ଓ ଉନ୍ନତ ଫଳାଫଳ'। ଗଣ୍ଠିବାତ ରୋଗ ପ୍ରତି ସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ମୂଳଲକ୍ଷ୍ୟ। ୧୯୯୬ ମସିହାରେ ପ୍ରଥମଥର ପାଇଁ ବିଶ୍ୱ ଗଣ୍ଠିବାତ ଦିବସ ପାଳନ କରାଯାଇଥିଲା। ବର୍ତ୍ତମାନ ସମୟରେ ଆଣ୍ଠୁଗଣ୍ଠିବାତ ସମସ୍ୟା ବିଶ୍ୱର ପ୍ରମୁଖ ସମସ୍ୟାଭାବେ ଉଭା ହୋଇଛି। ଆର୍ଥାରାଇଟ୍ସ ଏକ ଖଞ୍ଜାଜନିତ ସମସ୍ୟା। ଖଞ୍ଜାରେ କୌଣସି ପ୍ରକାର ସମସ୍ୟା ଦେଖାଗଲେ ଏହା ମଣିଷକୁ ଚଳପ୍ରଚଳରେ ଅସୁବିଧା ସୃଷ୍ଟି କରିଥାଏ। ଆର୍ଥାରାଇଟ୍‌ସ ରୋଗଠୁ ଦୂରେଇ ରହିବା ଓ ଏହା ସହ ମୁକାବିଲା କରିବା ପାଇଁ ଜୀବନଶୈଳୀରେ ପରିବର୍ତ୍ତନ ଆଣିବା ଆବଶ୍ୟକ। ଏ ନେଇ ଦୈନିକ ବ୍ୟାୟମ କରିବା ସହ କିଛି ସମୟ ଚଲାବୁଲା କରିବା ଆବଶ୍ୟକ।

*Desk*

## ମୁଖ୍ୟମନ୍ତ୍ରୀ– ଅଭିଯୋଗ ଶୁଣାଣି

ଆସନ୍ତା ସୋମବାର ଦିନ ବନ୍ଦ ରହିବ ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି। ଦୁର୍ଗାପୂଜା ଭସାଣୀ ଓ ମୁଖ୍ୟମନ୍ତ୍ରୀଙ୍କ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ସରକାରୀ

କାର୍ଯ୍ୟ ଥିବାରୁ ଭୁବନେଶ୍ୱର ୟୁନିଟ୍-୫ସ୍ଥିତ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ ଶୁଣାଣି ବନ୍ଦ ରହିବ। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଏ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି।

***Desk***

# ଯୁକ୍ତ ଦୁଇ ନାମଲେଖା

ଯୁକ୍ତ ଦୁଇ ତୃତୀୟ ପର୍ଯ୍ୟାୟ ନାମଲେଖା ଲାଗି ସାମ୍ସ ୱେବସାଇଟ୍ ମାଧ୍ୟମରେ ଚଳିତ ମାସ ୨୨ ତାରିଖରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇ ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ। ଚୟନ ହୋଇଥିବା ଛାତ୍ରଛାତ୍ରୀମାନେ ଆସନ୍ତା ମାସ ୨ ତାରିଖରୁ ୫ ତାରିଖ ମଧ୍ୟରେ ନାମଲେଖାଇ ପାରିବେ। ରାଜ୍ୟରେ ୨ ହଜାର ୩୭୭ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ମୋଟ୍ ୫ ଲକ୍ଷ ଅଣଷଠୀ ହଜାର ୬୪୫ଟି ଆସନ ମଧ୍ୟରୁ ୪ ଲକ୍ଷ ୨୬ ହଜାର ୧୫୬ଟି ଆସନରେ ନାମଲେଖା ସରିଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ଥିବା ଜୁନିୟର କଲେଜ ତଥା ଉଚ୍ଚମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ୧ ଲକ୍ଷ ୩୩ ହଜାର ଆସନ ଖାଲି ପଡ଼ିଥିବା ନେଇ ସାମ୍ସ ପୋର୍ଟାଲ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ପୂଜା ଛୁଟି ପରେ ଅକ୍ଟୋବର ୨୨ରୁ ନଭେମ୍ବର ୧୩ ମଧ୍ୟମରେ ତୃତୀୟ ପର୍ଯ୍ୟାୟ ନାମଲେଖା ଶେଷ କରାଯିବ।

*Desk*

## ପ୍ରତ୍ୟକ୍ଷ ଟିକସ ସଂଗ୍ରହ

ଚଳିତ ଆର୍ଥିକ ବର୍ଷରେ ଦେଶର ନେଟ୍ ପ୍ରତ୍ୟକ୍ଷ ଟିକସ ଆଦାୟ ୧୮ ଦଶମିକ ୩/୫ ପ୍ରତିଶତକୁ ବୃଦ୍ଧି ଘଟିଛି। ବର୍ତ୍ତମାନ ସମୟରେ ମୋଟ ୧୧ ଦଶମିକ ୨/୫ ଲକ୍ଷ କୋଟି ଟଙ୍କାର ଟିକସ ସଂଗ୍ରହ ହୋଇଥିବା ନେଇ ସରକାରୀ ସୂତ୍ରରୁ ଜଣାପଡ଼ିଛି। ଆଦାୟ ଟିକସ ମଧ୍ୟରୁ କମ୍ପାନୀ ଟିକସ ପରିମାଣ ୪ ଦଶମିକ ୯/୪ ଲକ୍ଷ କୋଟି ଟଙ୍କା ଥିବାବେଳେ ବ୍ୟକ୍ତିଗତ ଆୟକର ପରିମାଣ ୫ ଦଶମିକ ୯/୮ ଲକ୍ଷ କୋଟି ରହିଛି।

*Desk*

## ତମାଖୁ ମୁକ୍ତ ଅଭିଯାନ

ଦେଶରେ ତମାଖୁ ମୁକ୍ତ ଅଭିଯାନର ଦ୍ୱିତୀୟ ପର୍ଯ୍ୟାୟ ଆସନ୍ତା ନଭେମ୍ବର ମାସ ୨୩ ତାରିଖ ପର୍ଯ୍ୟନ୍ତ ଚାଲିବ। ତମାଖୁ ସେବନ ଅଧିକାଂଶ ଅଣସଂକ୍ରାମକ ରୋଗ ଓ କର୍କଟ ରୋଗର ମୁଖ୍ୟ କାରଣ ହୋଇଥିବାରୁ ତମାଖୁ ବର୍ଜନ ଆଜିର ଯୁବପିଢ଼ି ପାଇଁ ଆହ୍ୱାନ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ କୁହାଯାଇଛି। ତମାଖୁ ଧୂଆଁରେ ୭ ହଜାରରୁ ଅଧିକ ମାରାତ୍ମକ ରାସାୟନିକ ପଦାର୍ଥ ମଧ୍ୟରୁ ଅଣସ୍ତରୀଟି କର୍କଟ ରୋଗର କାରଣ ହୋଇଥାଏ। ସେହିଭଳି ଧୁମହୀନ ତମାଖୁରେ ୩ ହଜାରରୁ ଅଧିକ

ରାସାୟନିକ ପଦାର୍ଥ ମଧ୍ୟରୁ ୨୮ଟି କର୍କଟ ରୋଗ କାରଣ ହୋଇଥାଏ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ।

***Desk***

# ପାଣିପାଗ

ରାଜ୍ୟରେ ଆଗାମୀ ଦୁଇ ଦିନ ମଧ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପ୍ରତ୍ୟାବର୍ତ୍ତନ କରିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି । ଗତ କିଛିଦିନ ଧରି ରାଜ୍ୟରେ ମୌସମୀର ସ୍ଥିତି ଦୁର୍ବଳ ରହିବା ସହିତ ବର୍ଷାର ପରିମାଣ କମିଛି । ଅନ୍ୟପକ୍ଷରେ ଗତ ଦୁଇଦିନ ଧରି ତାପମାତ୍ରା ୨ରୁ ୩ ଡିଗ୍ରୀ ସେଣ୍ଟିଗ୍ରେଡ୍ ବୃଦ୍ଧି ପାଇଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଗଜପତି, ରାୟଗଡ଼ା, ମାଲକାନଗିରି ଓ କୋରାପୁଟ ଜିଲ୍ଲାରେ ଗୋଟିଏ ଦୁଇଟି ସ୍ଥାନରେ ବର୍ଷାର ସମ୍ଭାବନା ରହିଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

ଅନ୍ୟପକ୍ଷରେ ବଙ୍ଗୋପସାଗରରେ ଏକ ସକ୍ରିୟ ଗୁରୁଚାପ ପ୍ରଭାବରେ ଓଡ଼ିଶାକୁ ଜଳୀୟବାଷ୍ପପୂର୍ଣ୍ଣ ବାୟୁ ପ୍ରବେଶ କରୁଛି । ପାଣିପାଗ ବିଭାଗର ସୂଚନା ଅନୁସାରେ, ଗତକାଲି ୧୬ଟି ସହରର ତାପମାତ୍ରା ୩୫ ଡିଗ୍ରୀରୁ ଅଧିକ ଥିଲା ।

*****